# Akashvani, Sambalpur

## SAMBALPURI NEWS BULLETIN

### 22 April 2024- 6.47- 6.52 am.

**********************************************

ପଦ୍ମପୁରସ୍କାର୍ - ରାଷ୍ଟ୍ରପତି ଆର୍‌ଏନ୍‌ୟୁ / ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ଦିଲ୍ଲୀର୍ ରାଷ୍ଟ୍ରପତି ଭବନ୍ ଠାନେ ପଦ୍ମପୁରସ୍କାର୍ ଦେବେ । କଳା, ସମାଜସେବା, ସାଧାରଣ ବ୍ୟାପାର, ବିଜ୍ଞାନ୍, ପ୍ରଦ୍ୟୋଗିକ, ବାଣିଜ୍ୟ, ଶିଳ୍ପ, ଔଷଧ, ଶିକ୍ଷା ଆର୍ କ୍ରୀଡ଼ା କ୍ଷେତ୍ରଥି ଉଲ୍ଲେଖନୀୟ ଅବଦାନ୍ ଲାଗି ପଦ୍ମବିଭୂଷଣ୍, ପଦ୍ମଭୂଷଣ ଆର୍ ପଦ୍ମଶ୍ରୀ ପୁରସ୍କାର୍ ଦିଆଯିବା । ଆଘର୍ ଉପରାଷ୍ଟ୍ରପତି ଏମ୍. ଭେଙ୍କିଆ ନାଇଡୁ ଆର୍ ଭାରତ୍ ନାଟ୍ୟମ୍ ନୃତ୍ୟଶିଳ୍ପୀ ପଦ୍ମା ଶୁଭ୍ରମଣ୍ୟମ୍‌ଙ୍କୁ ପଦ୍ମବିଭୂଷଣ୍ ପୁରସ୍କାର୍ ପ୍ରଦାନ୍ କରାଯିବା ।

ଡିଜି ସମୀକ୍ଷା ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ହେବାର୍‌କେ ଥିବାର୍ ପହେଲା ଖେପର୍ ଭୋଟ୍ ଆଗ୍‌ରୁ ପୁଲିସ୍ ମହାନିର୍ଦ୍ଦେଶକ୍ ଅରୁଣ୍ କୁମାର୍ ଷଡ଼ଙ୍ଗୀ ଦକ୍ଷିଣାଂଚଲ୍ ରେଞ୍ଜ୍‌ଥି ତୟାରି ବାବ୍‌ଦେ ସମୀକ୍ଷା କରିଛନ୍ । ସେ ରେଞ୍ଜ୍‌ର ଡିଆଇଜି ଆଉ ଏସ୍.ପି. ମାନ୍‌କର୍ ସାଙ୍ଗେ ବ୍ରହ୍ମପୁର୍ ଠାନେ ସମୀକ୍ଷା କରିଥିଲେ । ନିର୍ବାଚନ୍‌କେ ଶୃଙ୍ଖଲିତ ଆଉ ଅବାଧ କର୍‌ବାର୍ ଲାଗି ଗଲାକାଏଲ୍ ହେଇଥିବା ସମୀକ୍ଷା ବୈଠକ୍‌ଥି ଆଲୋଚନା କରାଯାଇଥିଲା । ବୌଦ୍ଧ ଆର୍ କନ୍ଧମାଲ୍ ନ ନକ୍ସଲ୍ କାର୍ଯ୍ୟକଲାପ୍‌କେ ନଜର୍‌ଥି ରଖିକରି ଅର୍ଦ୍ଧସାମରିକ ବାହିନୀର୍ ଅପରେସନାଲ୍ କ୍ଷମତା ବଢ଼ାବାର୍ ଆଉ ଗୁଇନ୍ଦା ବ୍ୟବସ୍ଥାକେ ସକ୍ରିୟ କର୍‌ବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ ।

ସ୍କୁଲ୍ ଛୁଟି ପ୍ରେସ୍ ରିଲିଜ୍

ଗ୍ରୀଷ୍ମପ୍ରବାହ ଆଉ ପାଣିପାଗ୍ ବିଭାଗ୍‌ର ସୂଚ୍‌ନାକେ ଆଧାର୍ କରିକରି ରାଜ୍ୟ ସର୍‌କାର୍ ଆଏବା ୨୫ ତାରିଖ୍ ଗୁରୁବାର୍ ଦିନୁ ସ୍କୁଲ୍ ମାନ୍‌କର୍ ଖରାଛୁଟି ମୁଲ୍ କର୍‌ବେ । ହେଲେ ଆଏଜ୍‌ଠାନୁ ବୁଧବାର୍‌ତକ୍ ୩ ଦିନ୍ ଲାଗି ସବୁ ସର୍‌କାରୀ, ସର୍‌କାରୀ ଅନୁଦାନ୍ ପାଉଥିବା ଆଉ ବେସର୍‌କାରୀ ସ୍କୁଲ୍‌ମାନ୍‌କୁ ସଖାଲର ସାଢ଼େ ୬ ନୁ ସାଢ଼େ ୧୦ ବଜେତକ୍ ଖୁଲ୍‌ବାର୍‌କେ ରାଜ୍ୟ

ସର୍କାର୍ ଘୋଷ୍ନା କରିଛନ୍ । ତାର୍ଉତ୍ରୁ ଗୁରୁବାର୍ଠାନୁ ଖରାଛୁଟି ମୁଲ୍ ହେବା ।

ବରିଷ୍ଠ ନାଗରିକ୍ ବୀମା ଆର୍ଏନ୍ୟୁ / ସମ୍ବଲପୁର

ସ୍ୱାସ୍ଥ୍ୟ ବୀମା କ୍ଷେତ୍ର ନ ବରିଷ୍ଠ ନାଗରିକ୍ ମାନ୍କର୍ ଲାଗି ରହିଥିବା ବୟସ୍ ସୀମାକେ ବଢ଼ାଯାଇଛେ । ବୀମା ନିୟାମକ ଆୟୋଗ୍ର ନିଷ୍ପତି ଅନ୍ସାରେ ୬୫ ବରସ୍ନୁ ଅଏତ୍କା ବୟସର୍ ନାଗରିକ୍ମାନେ ସ୍ୱାସ୍ଥ୍ୟ ବୀମା କରିପାର୍ବେ । ଇ ନିଷ୍ପତି ଲାଗି ସବୁ ବର୍ଗର୍ ଲୁକେ ସ୍ୱାସ୍ଥ୍ୟବୀମା କରିପାର୍ବେ । ହେନ୍ତାକି ଆଗ୍ରୁ ସ୍ୱାସ୍ଥ୍ୟ ସମସ୍ୟା ଥିଲେ ଭିଲ୍ ସ୍ୱାସ୍ଥ୍ୟ ବୀମା କରାଯାଇପାର୍ବା ବଲି ଆୟୋଗ୍ କହିଛେ । ଚିକିତ୍ସା କ୍ଷେତ୍ର ନ ହେଉଥିବା ଖର୍ଚ୍ଚା ଆଉ ବୀମା ବଜାର୍କେ ଫଏଲାବାର୍ ଉଦ୍ଦେଶ୍ୟରେ ଇ ନିଷ୍ପତି ନିଆଯାଇଥିବାର୍ ଜନାପଡ଼ିଛେ ।

ଅମିତ୍ ଶାହା - ଓଡ଼ିଶାଗସ୍ତ ଆର୍ଏନ୍ୟୁ / କଟକ୍

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଏବା ୨୫ ତାରିଖ୍ ଦିନ ଓଡ଼ିଶା ଗସ୍ତରେ ଆସ୍ବେ ବଲି ରାଜ୍ୟ ବିଜେପି ଉପସଭାପତି ଗୋଲକ୍

ମହାପାତ୍ର ସୂଚ୍ନା ଦେଇଛନ୍ । ସେହିଦିନ ସୋନ୍ପୁର୍ ଗସ୍ତଥି ଯାଇକରି ଶ୍ରୀ ଶାହା ଗୁଟେ ଦଲୀୟ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେବେ । ସେନ ହେବାର୍କେ ଥିବା ଗୁଟେ ନିର୍ବାଚନୀ ସଭାଥି ଉଦ୍ବୋଧନ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ସେହିଦିନ ସୋନ୍ପୁର୍ ନୁ ଶ୍ରୀ ଶାହା ଭୁବ୍ନେଶ୍ୱର୍ ଫିର୍ବେ । ଭୁବ୍ନେଶ୍ୱର୍ ଗସ୍ତ ସମିଆଥି ଶ୍ରୀ ଶାହା ଦଲର୍ ନେତୃବୃନ୍ଦଙ୍କର୍ ସହେତେ ଆଲୋଚନା କର୍ବେ ବଲି ରାଜ୍ୟ ବିଜେପି ଉପସଭାପତି କହିଛନ୍ ।

ନିଆଁ ଲିଭା - ରୋବର୍ଟ୍ ଆର୍ଏନ୍ୟୁ / ସମ୍ବଲପୁର

ଅଗ୍ନିକାଣ୍ଡର ନିଆଁକେ ଲିଭାବାର୍ ଲାଗି ଫାୟାର୍ ବଲ୍ର ବେଭାର୍ ସଫଲ୍ ହେବାର୍ ଉତ୍ରୁ ରୋବାର୍ଟ ଜରିଏ ନିଆଁକେ ଆଏତ୍ କର୍ବାର୍ ଲାଗି ଅଗ୍ନିଶମ ସେବା ସଂସ୍ଥା ତର୍ଫୁ ଯୋଜ୍ନା କରାଯାଇଛେ । ରୋବର୍ଟ ସାହାଜ୍ଥି ଦମ୍କଲ୍ ବାହିନୀ ନିଆଁକେ ଆଏତ୍ କର୍ବାର୍ ବାବ୍ଦେ ଥିର୍ କରାଯାଇଛେ । ଇ ଅତ୍ୟାଧୁନିକ୍ ରୋବର୍ଟକେ ଦମ୍କଲ୍ ବାହିନୀ କର୍ମଚାରୀମାନେ ରିମୋଟ୍ ଜରିଏ ବେଭାର୍ କରିକରି ନିଆଁ ଲିଭେଇପାର୍ବେ ।

ପହେଲା ଖେପେ ସମ୍ବଲପୁର୍, ରାଉର୍‌କେଲା, ଅନୁଗୁଲ୍ ବାଗିର୍ ବଡ଼ ସହର୍‌ମାନ୍‌କେ ଥିବା ଦମ୍‌କଲ୍ କେନ୍ଦ୍ରମାନ୍‌କୁ ରୋବର୍ଟ ଆର୍ ଅଲ୍‌ଗା ସାରଞ୍ଜାମ୍ ଯୁଗେଇ ଦିଆଯିବା । ପେଟ୍ରୋଲ୍ ପମ୍ପ, ଗୁଦାମ୍‌ଘର୍, ଭିନ୍ ଭିନ୍ ବ୍ୟବସାୟିକ ପ୍ରତିଷ୍ଠାନ୍ ମାନ୍‌କେ ନିଆଁକେ ଆଏତ୍ କର୍‌ବାର୍ ଲାଗି ଦୂର୍ ଜାଗାଥି ରହିକରି ରୋବର୍ଟ ବେଭାର୍ କରାଯାଇପାର୍‌ବା ବଲି କୁହାଯାଇଛେ ।

ଜଙ୍ଗଲ୍ ନିଆଁ                    ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲାର୍ ୭ ଶହ ୮୨ ଟା ନୂଆଁ ପଏଂଟ୍ ନ ଜଙ୍ଗଲ୍‌ଥି ନିଆଁ ଲାଗିଛେ । ଗଲା ହପ୍ତେ ଭିତ୍‌ରେ ୬ ହଜାର୍ ଶହେ ୫ ଟା ଜାଗା ନ ନିଆଁ ଜଲୁଥିବାର୍ ବାବ୍‌ଦେ ଫରେଷ୍ଟ୍ ସର୍ଭେ ଅଫ୍ ଇଣ୍ଡିଆ ତଥ୍ୟ ଠୁଲେଇଛେ । କଲାହାଣ୍ଡିର ଭବାନୀପାଟ୍‌ନା, ନର୍ଲା, ମଦନ୍‌ପୁର୍‌ରାମ୍‌ପୁର୍, ସମ୍ବଲ୍‌ପୁର୍‌ର ଚାର୍‌ମାଲ୍, ଦେବ୍‌ଗଡ୍‌ର ବାର୍‌କୋଟର ଜଙ୍ଗଲ୍ ନ ନିଆଁ ଲାଗିଥିବାର୍ ଜନାପଡ଼ିଛେ । ଗଲାକାଏଲ୍ ବାରିପଦା ଡିଭିଜନ୍‌ର ୩୦ ନୁ ଅଏତ୍‌କା ଜାଗାଥି ଜଙ୍ଗଲ୍ ନ ନିଆଁ ଲାଗିଥିବାର୍ ଜନାପଡ଼ିଥିଲା । ଶିମିଲିପାଲ୍ ଅଭୟାରଣ୍ୟ ନ ଶହେ ନୁ ଅଏତ୍‌କା ଠାନେ ଜଙ୍ଗଲ୍ ନିଆଁ ଲାଗିଛେ । ସବୁଜ ବାହିନୀର ପ୍ରୟାସ୍‌ଥି ଇ ଲିଭାଯାଇଛେ ।

ପ୍ରତ୍ୟକ୍ଷ ଟିକସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

୨୦୨୩-୨୪ ଆର୍ଥିକ୍ ବଛ୍‌ରେ ଦେଶର୍ ନିଟ୍ ପ୍ରତ୍ୟକ୍ଷ ଟିକସ୍ ଆଦାୟ ତାର୍ ଆଘର୍ ବର୍ଷର୍ ତୁଲାନାଥି ୧୭ ଦଶମିକ୍ ୭ ପ୍ରତିଶତ୍ ବଢ଼ିକରି ୧୯ ଲାଖ୍ ୫୮ ହଜାର୍ କୋଟି ଟଙ୍କାଥି ପୁହୁଁଚିଛେ । ସଂଶୋଧିତ ଆକଲନ୍ ତୁଲନାଥି ଇ ପରିମାଣ୍ ୧୩ ହଜାର୍ କୋଟି ଟଙ୍କା ଅଏତ୍‌କା ଆଏ । ହେନ୍ତା ଗଲା ଆର୍ଥିକ୍ ବଛ୍‌ରେ ପ୍ରତ୍ୟକ୍ଷ ଟିକସ୍ ଆଦାୟ କ୍ଷେତ୍ର ନ ୧୮ ଦଶ୍‌ମିକ୍ ୪/୮ ପ୍ରତିଶତ୍ ଅଭିବୃଦ୍ଧି ହାସଲ୍ କରାଯାଇଛେ । ହେନ୍ତା ଟିକସ୍‌ଦାତାମାନ୍‌କୁ ୩ ଲାଖ୍ ୭୯ ହଜାର୍ କୋଟି ଟଙ୍କା ରିଫଣ୍ଡ ଆକାରେ ଫିରାଯାଇଥିବାର୍ ଜନାପଡ଼ିଛେ ।

୪ ବର୍ଷିଆ ସ୍ନାତକ - ପିଏଚ୍‌ଡି ସୁଯୋଗ୍ ଆର୍‌ଏନ୍‌ୟୁ / ସମ୍ବଲପୁର

୪ ବର୍ଷିଆ ସ୍ନାତକଧାରୀ ମାନେ ଏତ୍‌କେ ସିଧାସଲଖ୍ ପିଏଚ୍‌ଡ଼ି କରିପାର୍‌ବେ ବଲି ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ- ୟୁଜିସି ତର୍‌ଫୁ କୁହାଯାଇଛେ । ସ୍ନାତକଥି ୭୫ ପ୍ରତିଶତ୍ ମାର୍କ ନାହେତ

ସମାନ୍ ଗ୍ରେଡ୍ ରଖି କରି ପାସ୍ କରିଥିବା ଛାତ୍ରଛାତ୍ରୀ ୟୁଜିସି ନେଟ୍ ପରିକ୍ଷା ଦେଇପାର୍ବେ । ଭିନ୍ ଭିନ୍ ସଂରକ୍ଷିତ ବର୍ଗର୍ ଛାତ୍ରଛାତ୍ରୀମାନ୍କର୍ ଲାଗି ୫ ପ୍ରତିଶତ୍ ନମ୍ବର୍ ଅଏତ୍କା ଦିଆୟିବା । ଇ ନିଷ୍ପତି ଲାଗି ଅନୁସୂଚିତ ଜାତି, ଜନଜାତି, ଓବିସି, ଆର୍ଥିକ ଅନଗ୍ରସର ଶ୍ରେଣୀର୍ ଛାତ୍ରଛାତ୍ରୀମାନେ ସୁବିଧା ପାଏବେ । ନେଟ୍ ପରୀକ୍ଷାଫଲ୍ ଅନ୍ସାରେ ସେମାନେ ପିଏଚ୍ଡ଼ି ପଢ଼୍ବାର୍ ସୁଯୋଗ୍ ପାଏବେ ।

ବିଦ୍ୟୁତ୍ କଟ୍କନା ଆର୍ଏନ୍ୟୁ / ସମ୍ବଲପୁର

ସମ୍ବଲ୍ପୁର୍ ସହରର୍ ଅଇଁଠାପାଲି ୩୩ କେଭି ବିଦ୍ୟୁତ୍ ଫିଡର୍ ଲାଇନ୍ର ମରାମତି ଲାଗି ଆଏବା କାଏଲ୍ ସଖାଲର୍ ୫ ବଜେନୁ ୮ ବଜେତକ୍ ବିଦ୍ୟୁତ୍ ଯୋଗାଣ ବନ୍ଦ୍ ରହେବା ବଲି ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ବିତରଣ କମ୍ପାନୀ ତର୍ଫୁ କୁହାଯାଇଛେ । ଇ ସମିଆଥି ଅଇଁଠାପାଲି, ଜଗନ୍ନାଥକଲୋନୀ, ବୁଢ଼ାରଜା, ବଡ଼ସଡ଼କ୍, ସାନ୍ସଡ଼କ୍, ରେଲ୍ୱେ କଲୋନୀ, ବଡ଼ବଜାର୍, କ୍ଷେତରାଜ୍ପୁର୍ ଆର୍ ତାର୍ ଆଖର୍ପାଖର୍ ଇଲାକା ନ ବିଦ୍ୟୁତ୍ ଯୋଗାଣ ବନ୍ଦ୍ ରହେବା ।

ଧୁକାଧନ୍ଦି ଅନୁମାନ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଇଲାକା ନ ଗ୍ରୀଷ୍ମପ୍ରବାହ ଜାରି ରହିଛେ । ହେଲେ ଆଏଜ୍‌ଠାନୁ ୩ ଦିନ୍‌ତକ୍ ରାଏଜେ ତାତି ୨ ଡିଗ୍ରୀନୁ ୩ ଡିଗ୍ରୀ ସେଲ୍‌ସିଅସ୍‌ତକ୍ କମ୍‌ବା । ତାର୍ ଉତାରୁ ଫେର୍‌ଘାଏ ତାତି ୩ ଡିଗ୍ରୀ ସେଲ୍‌ସିଅସ୍‌ତକ୍ ବଢ଼୍‌ବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ ।